୧୨ ଅଗଷ୍ଟ ୨୦୧୫

# ପୁରୀରେ ଉପକୂଳ ପର୍ଯ୍ୟବେକ୍ଷଣ କେନ୍ଦ୍ର ସ୍ଥାପନ ପାଇଁ ଚୁକ୍ତି ସ୍ୱାକ୍ଷରିତ

ଭୁବନେଶ୍ୱର, ୧୧।୮ (ନି.ପ୍ର)- ପୁରୀ ବେଳାଭୂମିରେ ଉପକୂଳ ପର୍ଯ୍ୟବେକ୍ଷଣ କେନ୍ଦ୍ର ସ୍ଥାପନ ପାଇଁ ଆଇଆଇଟି ଭୁବନେଶ୍ୱର ଓ କେନ୍ଦ୍ର ଭୂ-ବିଜ୍ଞାନ ମନ୍ତ୍ରଣାଳୟ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ଉପକୂଳରେ ଜଳ-ସ୍ଥଳ-ଆକାଶ ସମ୍ପର୍କରେ ଅଧିକ ଗବେଷଣା କରିହେବ । ଏହାଛଡା ସମୁଦ୍ର ମଧ୍ୟରେ ଘଟୁଥିବା ପରିବର୍ତ୍ତନ, ସମ୍ଭାବ୍ୟ ପରିବର୍ତ୍ତନ ସମ୍ପର୍କରେ ସୂଚନା ପ୍ରଦାନ, ସମୁଦ୍ର ବକ୍ଷରେ ଭୂକମ୍ପ, ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ସମୁଦ୍ର ଜଳପତ୍ତନରେ ବୃଦ୍ଧି ଆଦି ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାରେ ସହାୟକ ହେବ । ବିଶେଷ କରି ବଙ୍ଗୋପସାଗର ଉପରେ ପର୍ଯ୍ୟବେକ୍ଷଣ କେନ୍ଦ୍ର କାର୍ଯ୍ୟ କରିବ । ପୁରୀଠାରେ ପ୍ରତିଷ୍ଠା ହେବାକୁ ଥିବା ଏହି କେନ୍ଦ୍ର ପାଇଁ ଭୂ-ବିଜ୍ଞାନ ମନ୍ତ୍ରଣାଳୟ ୯.୨୩ କୋଟି ଟଙ୍କା ମଞ୍ଜୁର କରିଛି । ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜାକୁମାର ଓ ମନ୍ତ୍ରଣାଳୟ ସଚିବ ଶୈଳେଶ ନାୟକ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ । ଏହି ଅବସରରେ ଆଇଆଇଟିର ପ୍ରଫେସର ଏସ.ତ୍ରିପାଠୀ, ପି.ସି. ପାଣ୍ଡେ, ୟୁ.ସି. ମହାନ୍ତି, ଆମେରିକା ମାସାଚୁଏଟେସ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ଅଭିଜିତ୍ ଗଙ୍ଗୋପାଧ୍ୟାୟ, ଭୂ-ବିଜ୍ଞାନ ମନ୍ତ୍ରଣାଳୟର ଡ. ଏସ. ବାସୁ, ଡ. କେ. ସୋମାସୁନ୍ଦର ଏବଂ ଡ. ପରବିନ୍ଦର ମୈନ ପ୍ରମୁଖ ଉପସ୍ଥିତ ଥିଲେ । ଏହି କେନ୍ଦ୍ର ପାଇଁ ରାଜ୍ୟ ସରକାର ପୁରୀ ସମୁଦ୍ରକୂଳ ପାଖାପାଖି ଜମି ଯୋଗାଇ ଦେବାକୁ ରାଜି ହୋଇଛନ୍ତି ।